ISSN: 2456-9194, Vol. IV, Issue. II, Sept 2020

# ପ୍ରତ୍ୟୟ

(Journal of Odia Language, Culture and Science)

Journal Homepage: http://cphfs.in/research.php

# ସମୀକ୍ଷା ଦର୍ପଣରେ ରଜନୀକାନ୍ତଙ୍କ ଗଳ୍ପ 'ହସ୍ତାକ୍ଷର'

**ଡ. ପ୍ରଦୋଷ କୁମାର ସ୍ୱାଇଁ**

ବରିଷ୍ଠ ସହକାରୀ ପ୍ରାଧାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ

Email: pradosh.cu@gmail.com

***ସଂକ୍ଷିପ୍ତସାର:*** *ଗଢ଼ଣର ଅଭିନବ କୈଶଳ ଏବଂ ବକ୍ତବ୍ୟର ଗଭୀର ଜୀବନ ଦର୍ଶନକୁ  ଗାଳ୍ପିକ ରଜନିକାନ୍ତ ମହାନ୍ତି ତାଙ୍କ ଲେଖନିରେ ପ୍ରକାଶ କରନ୍ତି । ଜୀବନ ଓ ଜଗତପ୍ରତି ଗଭୀର ଅନ୍ତର୍ଦୃଷ୍ଟି ତଥା ଏକ ସମ୍ବେଦନଶୀଳ ମାନବାତ୍ମାର ଶାଶ୍ୱତ ଅନୁଭବ ଗାଳ୍ପିକ ମହାନ୍ତିଙ୍କ କଥାକାରିଗରୀର ପ୍ରମୁଖ ଆଦର୍ଶ । ଗାଳ୍ପିକଙ୍କ ପ୍ରଥମ ଗଳ୍ପ ପୁସ୍ତକ 'ଷଠୀଘର'(୧୯୭୮) ପାଖରୁ 'ଅଠର ନିର୍ବାସନ୍ ରୋଡ଼୍'(୨୦୧୦) ଦେଇ 'ହସ୍ତାକ୍ଷର'(୨୦୧୭) ପର୍ଯ୍ୟନ୍ତ ସମସ୍ତ ସୃଷ୍ଟି ଏକ ଏକ ପ୍ରତିଶ୍ରୁତିପୂର୍ଣ୍ଣ । ସମସ୍ତ ଗଳ୍ପକୁ ଆକଳନ କଲେ ଗଳ୍ପ ଭିତରେ ଐତିହ୍ୟ ଓ ସଂସ୍କୃତିର ପାରମ୍ପରିକ ମନ୍ତ୍ର ଉଚ୍ଚାରିତ ହୁଏ। ତତ୍‌ସଙ୍ଗେ ଗଭୀର ନୈରାଶ୍ୟବୋଧ ମଧ୍ୟରେ ଜୀବନ ଜିଇଁବାର ଆଶା ଏବଂ ସ୍ଥୁଳଘଟଣା ମଧ୍ୟରେ ସ୍ୱଚ୍ଛ ଜୀବନଦର୍ଶନର ଉପଲବ୍ଧି କରିହୁଏ । ଉକ୍ତ ପ୍ରବନ୍ଧରେ ଗାଳ୍ପିକ ରଜନିକାନ୍ତ ମହାନ୍ତିଙ୍କ ଗଳ୍ପ ପୁସ୍ତକ 'ହସ୍ତାକ୍ଷର'କୁ  ଅନୁଶୀଳନ କରାଯାଇଛି । ଗବେଷଣା ପ୍ରବିଧି ଅନୁଯାୟୀ ଆଲୋଚ୍ୟ ଆଲେଖ୍ୟଟି ସାହିତ୍ୟଭିତ୍ତିକ ହୋଇଥିବାରୁ ବିଶ୍ଳେଷଣାତ୍ମକ ଗବେଷଣା ପଦ୍ଧତିକୁ ଗ୍ରହଣ କରାଯାଇଛି । ପ୍ରାଥମିକଉତ୍ସ ଭାବେ 'ହସ୍ତାକ୍ଷର' ପୁସ୍ତକ ଏବଂ ସହାୟକଉତ୍ସ ଭାବେ ଗଳ୍ପ ସଂପର୍କିତ ପୁସ୍ତକ,ଆଲୋଚନା ପୁସ୍ତକକୁ ନେଇ ଆଲେଖ୍ୟଟି ପ୍ରସ୍ତୁତ କରାଯାଇଛି ।*

*ପ୍ରମୁଖ ଶବ୍ଦ: ଷଠୀଘର, ହସ୍ତାକ୍ଷର, ରଜନୀକାନ୍ତ, ଝିପି ଝିପି ଅନ୍ଧାର, ଜରାଜୀର୍ଣ୍ଣ ସଭ୍ୟତା।*

"ଗୋଟେ ଗଳ୍ପ ଗୋଟେ ସଂସ୍କୃତିର ସଂପ୍ରସାରଣ । ଗପ ସଭ୍ୟତାକୁ ଜୀବନ୍ତ କରେ ଚରିତ୍ରକୁ ଦିଏ ଆତ୍ମଶକ୍ତି, ଭାଷାକୁ ଦିଏ ବିଚରଣ କ୍ଷମତା, ଶବ୍ଦକୁ ପୁର୍ନଗଠନ କରେ, ସଂପର୍କକୁ ଦିଏ ବ୍ୟାପକତା ଓ ଗଣତନ୍ତ୍ର ।" ଅତଏବ ଗଳ୍ପ ସୃଷ୍ଟି କରେ ସମାଜ ଓ ସଂସ୍କୃତିକୁ, ଗତି ଓ ବିସ୍ତୃତି ଦିଏ ମଣିଷର ଜୀବନ ଦୃଷ୍ଟିକୁ, ଗଳ୍ପ କଥା କାହାଣୀର ଗଢ଼ଣ ନୁହେଁ, ଅଧିକନ୍ତୁ ଜୀବନ ଗଠନର ଚରମ ସାଧନ । କୁହାଯାଏ ଗଳ୍ପ ପ୍ରସବ କରାଯାଏ ନାହିଁ, କିମ୍ବା ଗଳ୍ପ ସ୍ରଷ୍ଟାଙ୍କ ମନ ଓ ହୃଦୟରୁ ଉତୁରି ଆସେ ନାହିଁ, ବରଂ ଗଳ୍ପକୁ ଚିନ୍ତାକରି ଗଢ଼ିବାକୁ ପଡ଼େ । ଛୋଟ ଛୋଟ ଆବୁଡ଼ାଖାବୁଡ଼ା ଚିନ୍ତାଧାରା ଓ ଅନୁଭୂତିମାନଙ୍କୁ ସଜ୍ଜିତ କରାଯାଏ। ଭାସମାନ ସମାଜର ଛାତିରୁ ଗଳ୍ପାଣୁମାନଙ୍କୁ ସାଉଁଟି କଥା-କାରିଗରୀର କାଉଁରି ସ୍ପର୍ଶରେ ଶିଳ୍ପୀଟି ଆଙ୍କିଥାଏ ଗଳ୍ପର କାନ୍‌ଭାସ ।

ସମକାଳର ଓଡ଼ିଆ ଗଳ୍ପଧାରାରେ ଗାଳ୍ପିକ ରଜନୀକାନ୍ତ ମହାନ୍ତି ସେହିଭଳି ଜଣେ ଉଚ୍ଚକୋଟିର ଶିଳ୍ପୀ। ଯାହାଙ୍କ ଲେଖନୀରେ ଅଛି ଗଳ୍ପ ଗଢ଼ଣର ଅଭିନବ କୌଶଳ ଏବଂ ବକ୍ତବ୍ୟରେ ଅଛି ଗଭୀର ଜୀବନ ଦର୍ଶନ । ଜୀବନ ଓ ଜଗତ ପ୍ରତି ଗଭୀର ଅନ୍ତର୍ଦୃଷ୍ଟି ତଥା ଏକ ସମ୍ବେଦନଶୀଳ ମାନବାତ୍ମାର ଶାଶ୍ୱତ ଅନୁଭବ ତାଙ୍କ ସୃଷ୍ଟିଶୀଳ କଥାକାରିଗରୀର ପ୍ରମୁଖ ଆଦର୍ଶ। ବାଲ୍ୟଅବସ୍ଥାରୁ ନିଛକ ସୁଷମା ଭରା ଖୀରକୋଣୀ ଗ୍ରାମର ମନହାରୀ ପ୍ରାକୃତିକ ବାତାବରଣ ରଜନୀକାନ୍ତଙ୍କ କୋମଳ ମନକୁ ପ୍ରଭାବିତ କରିଥିଲା । ଏପରିକି ତାଙ୍କ ଶାନ୍ତ ସରଳ ଦରଦୀ ବ୍ୟକ୍ତିତ୍ୱ ଗଠନରେ ସହାୟକ ମଧ୍ୟ ହୋଇଥିଲା । ଗତ ଶତାବ୍ଦୀର ସପ୍ତମ ଦଶନ୍ଧି ପରେପରେ ଓଡ଼ିଆ କଥାସାହିତ୍ୟ କ୍ଷେତ୍ରରେ ପଦାର୍ପଣ କରିଥବା କଥାକାର ଶ୍ରୀ ମହାନ୍ତିଙ୍କ ପ୍ରତିଭା ଥିବା ବହୁମୁଖୀ । ଏକାଧାରାରେ ସେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ତଥା ସୁସାହିତ୍ୟ ସମାଲୋଚକ । ଶ୍ରୀ ମହାନ୍ତିଙ୍କ ବାଲ୍ୟଜୀବନରେ ଆଧ୍ୟାତ୍ମିକତାର ଜାଗରଣ, କର୍ମମୟ ଜୀବନର ସେବା ପରାୟଣ ମନୋଭାବ, ପାରିବାରିକ ଜୀବନର ଆଦର୍ଶବୋଧ ତାଙ୍କ ସାହିତ୍ୟ ଜୀବନକୁ କରିଛି ଋଦ୍ଧିମନ୍ତ । ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱକାଳଧରି ଓଡ଼ିଆ କଥାସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନା କରି ଆସୁଥିବା କଥାକାର ଶ୍ରୀ ମହାନ୍ତିଙ୍କ ସୃଜନ ସାଧନାରୁ ଜନ୍ମ ନେଇଛି, ଯାଥା- ଷଠୀଘର(୧୯୭୮),

ଶତାଣ୍ଡି ପୁରୁଷ(୧୯୮୧), ମାଟିଆ ପୁଅ(୧୯୮୯), ଆ ସାକ୍ଷୀ ଦେ(୧୯୯୯), ଝିପି ଝିପି ଅନ୍ଧାର(୨୦୦୨), ବୋହୁବଜାର(୨୦୦୪), ରକ୍ତରାଣ(୨୦୦୭), ଅଠର ନିର୍ବାସନ ରୋଡ୍ (୨୦୧୦), ହସ୍ତାକ୍ଷର(୨୦୧୭) ପ୍ରଭୃତି ଏକଏକ ପ୍ରତିଶ୍ରୁତିପୂର୍ଣ୍ଣ ସୃଷ୍ଟି । ଆଲୋଚ୍ୟ ପ୍ରବନ୍ଧରେ ଶ୍ରୀ ମହାନ୍ତିଙ୍କ ୨୦୧୭ ରେ ପ୍ରକାଶିତ 'ହସ୍ତାକ୍ଷର' ଗଳ୍ପ ସଂକଳନ ଅନ୍ତର୍ଗତ । ଅଠରଟି ଗଳ୍ପର ବିଚାର ଆଲୋଚନା କରାଯାଇଛି।

ଓଡ଼ିଆ କଥାସାହିତ୍ୟ ଜଗତକୁ ରଜନୀକାନ୍ତଙ୍କ ଆଗମନ କାଳବେଳକୁ ଓଡ଼ିଆ ଗଳ୍ପ ସାହିତ୍ୟରେ ପରିବର୍ତ୍ତନର ସ୍ୱର ଶୁଣିବାକୁ ମିଳିଲାଣି । ଅର୍ଥାତ୍ ଗତ ଶତକର ଅଷ୍ଟମ ଦଶନ୍ଧି ପରେପରେ ଭାରତୀୟ ରାଜନୀତି, ଅର୍ଥନୀତି, ସମାଜ, ସଂସ୍କୃତି ତଥା ଆଧ୍ୟାତ୍ମିକ ଚେତନାର ଯେଉଁ ବୈପ୍ଳବିକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା, ତାହା ଧୀରେ ଧୀରେ ଗଣଜୀବନକୁ ମଧ ପ୍ରଭାବିତ କରିବା ସ୍ୱାଭାବିକ ଥିଲା । ସ୍ରଷ୍ଟାକୁଳ ପରିବର୍ତ୍ତନର ଏହି ପ୍ରଭାବକୁ ସସମ୍ମାନେ ସ୍ୱାଗତ ଜଣାଇଲେ । ଫଳତଃ ଓଡ଼ିଆ ଗଳ୍ପ ରଚନା ଓ ଉପସ୍ଥାପନାରେ ଆସିଲା ନୂତନତା। ସଂଶିତ କାଳରେ ଓଡ଼ିଆ ଗଳ୍ପ ପୁଣିଥରେ ଆଧୁନିକତାର ପରିପ୍ରେକ୍ଷୀରେ ଅଧିକ ଗଣମୁଖୀ ହେବାକୁ ପ୍ରସ୍ତୁତି ଆରମ୍ଭ କଲା । ଜାତି, ଧର୍ମ, ସମାଜ, ସଂସ୍କୃତି, ପରଂପରା ଓ ପରିବେଶର ପୁନଃମୂଲ୍ୟାୟନ କରିବାପାଇଁ ପ୍ରୟାସ କରାଗଲା । ବର୍ଷବର୍ଷ ଧରି ଅବହେଳିତ ଓ ନିଷ୍ପେଷିତ ହୋଇ ରହିଆସିଥିବା ସାଧାରଣ ଦଳିତମାନଙ୍କର ଆଶା, ସ୍ୱପ୍ନ, ଅଧିକାର ଓ ସ୍ୱାଧୀନତାକୁ ଗଳ୍ପର କାନ୍‌ଭାସରେ ସ୍ଥାନ ଦିଆଗଲା। ନାରୀ-ଅସ୍ମିତାକୁ ନେଇ ପ୍ରାରମ୍ଭ ହେଲା ନୂତନ ଦୃଷ୍ଟିଭଙ୍ଗୀର ଚର୍ଚ୍ଚା। ଆଧୁନିକତାର ପରିପ୍ରେକ୍ଷୀରେ ମିଥ୍ ବା ପୁରାକଳ୍ପ ଗୁଡ଼ିକର ନବ-ନିର୍ମାଣ ସହିତ ଇତିହାସର ପୁନଃମୂଲ୍ୟାୟନ ତଥା ମନସ୍ତାତ୍ତ୍ୱିକ ଅନୁଶୀଳନ ଭଳି ଅଭିନବ ଭାବଧାରା ଗଳ୍ପର କଳାଶିଳ୍ପକୁ ଦେଲା ଭିନ୍ନ ଏକ ପରିଚୟ । ଗଳ୍ପରେ ଉଦ୍ଭାସିତ ହେଲା ଆଧୁନିକ ମଣିଷର ଖଣ୍ଡିତ ଜୀବନକାହାଣୀ। ଛିନ୍ନମୂଳ ମାନବ ଆତ୍ମାର ସଦଗତି ପାଇଁ ଗଳ୍ପରେ ଉଚ୍ଚାରିତ ହେଲା ଐତିହ୍ୟ ଓ ସଂସ୍କୃତିର ପାରଂପାରିକ ମନ୍ତ୍ର । ଗଭୀର ନୈରାଶ୍ୟବୋଧ ମଧ୍ୟରେ ସଞ୍ଚାରିତ ହେଲା ଜୀବନ ଜିଇଁବା ପାଇଁ ଆଶାର କିରଣ। ସ୍ଥୂଳଘଟଣା ମଧ୍ୟରେ ସୂକ୍ଷ୍ମ ଜୀବନ ଦର୍ଶନର ଉପଲବ୍ଧି, ଏହି ସମୟର ଗଳ୍ପକୁ କଲା ମଣିଷର ନିକଟବର୍ତ୍ତୀ।

କଥାଶିଳ୍ପୀର ହୃଦୟତନ୍ତ୍ରୀରେ ଝଙ୍କୃତ ହେଲା ସାଧାରଣ ମଣିଷର ଜୀବନ ରାଗିଣୀ। ପର୍ଯ୍ୟବେକ୍ଷଣ, ପର୍ଯ୍ୟଟନ ତଥା ସ୍ରଷ୍ଟାର ବାସ୍ତବ ଅନୁଭୂତିରେ ଗଢ଼ିଉଠିଲା ଗଳ୍ପର କଥାଭୂମି । ଘଟଣା ବା ପରିବେଶର ବର୍ଣ୍ଣନା ଅପେକ୍ଷା ମନନଧର୍ମିତା ଉପରେ ଗୁରୁତ୍ୱ ଆରୋପ କରାଗଲା, ବନବଗିଚାରେ କଥାଶିଳ୍ପୀ ସୃଷ୍ଟି କଲା ଅଭିନବ ଅର୍ଥପୂର୍ଣ୍ଣ ଶବ୍ଦ କୁସୁମ, ମନେ ହେଲା ଏହି ଶବ୍ଦମାନେ ମଣିଷର ଉଭୟ ବାହ୍ୟ ଓ ଅନ୍ତସତ୍ତାକୁ ଉଦ୍ଭାସିତ କରିବାରେ ପୂର୍ବ ଅପେକ୍ଷା ଅଧିକ ସମର୍ଥ । ବିନ୍ଦୁ ଭିତରେ ସିନ୍ଧୁର ଉପଲବ୍ଧି ପାଇଁ ଗାଳ୍ପିକମାନେ ଶତତଃ ଯତ୍ନଶୀଳ ହେଲେ । ସାଂପ୍ରତିକ କ୍ଷୁଦ୍ରଗଳ୍ପର ପରିସୀମା ଲୋକାଲ୍‌ରୁ ଗ୍ଲୋବାଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲା । ବିଶ୍ୱାୟନର ପ୍ରଭାବରେ ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତିବିଦ୍ୟା (Technology), ମୁକ୍ତ ବଜାର ବ୍ୟବସ୍ଥା, ଆର୍ଥନୀତିକ ଉଦାରିକରଣ, ଶିଳ୍ପାୟନ ଓ ତଦ୍‌ଜନିତ ବିସ୍ଥାପନ ସମସ୍ୟା, ଜନସଂଖ୍ୟା ବିସ୍ଫୋରଣ, କ୍ଷମତା ଓ ପଦବୀ ପାଇଁ ଦେଶ ଦେଶ ମଧ୍ୟରେ ପ୍ରତିଯୋଗିତା, ଗ୍ଲୋବାଲ୍‌ୱାର୍ମିଂ, କୃଷି ଓ କୃଷକ ପ୍ରତି ଉପେକ୍ଷା, ଆର୍ଥନୀତିକ, ସାମାଜିକ ବୈଷମ୍ୟର ଅଭିବୃଦ୍ଧି, ଆତ୍ମସ୍ୱାର୍ଥସର୍ବସ୍ୱ ରାଜନୀତି, ସର୍ବୋପରି ବସ୍ତୁ ଓ ବ୍ୟକ୍ତି କୈନ୍ଦ୍ରୀକ ଜୀବନ ଶୈଳୀ ପ୍ରଭୃତି ସମସ୍ୟା ଓ ପ୍ରସଂଗ ଗୁଡ଼ିକ ଶଂସିତ କାଳର ଓଡ଼ିଆ ଗଳ୍ପର ଭାବ ଭୂମିକୁ ଦଖଲକଲା । ସମାଲୋଚକମାନେ ଏହି ସମୟଖଣ୍ଡର ସାହିତ୍ୟକୁ ଉତ୍ତର ଆଧୁନିକ ସାହିତ୍ୟ ଭାବରେ ଚିହ୍ନିତ କଲେ । ଅତଏବ ଉତ୍ତର ଆଧୁନିକ ସ୍ରଷ୍ଟାମାନେ ଆଉ ପାଶ୍ଚାତ୍ୟର ଦାସତ୍ୱ ସ୍ୱୀକାର ନ କରି ମୁକ୍ତ ଭାବରେ ନିଜ ମାଟି ଓ ମଣିଷ ପ୍ରତି ବିଶ୍ୱାସ ସ୍ଥାପନ କଲେ । ଏପରିକି ସମଗ୍ର ବିଶ୍ୱକୁ ଏକ ଗ୍ଲୋବାଲ୍‌ଭିଲେଜ୍ ମନେକରି ମୁକ୍ତ ମାନବବୋଧ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏକବିଂଶ ଶତାବ୍ଦୀ ବେଳକୁ ଏହି ମୂଲ୍ୟାବୋଧଟି ଅଧିକ ତ୍ୱରାନିତ ହୋଇଥିବା ଲକ୍ଷ୍ୟ କରାଯାଏ । ଏହି ମର୍ମରେ ଗାଳ୍ପିକ ରଜନୀକନ୍ତ ମହାନ୍ତି ଜଣେ ସମୟ ସଚେତନଶୀଳ ସ୍ରଷ୍ଟା ହୋଇଥିବାରୁ ଯୁଗ ରୁଚିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲେଖନୀ ଚାଳନା କରିଛନ୍ତି । 'ହସ୍ତାକ୍ଷର' ସେହି ଅବବୋଧର ଏକ କଳାତ୍ମକ ସ୍ୱାକ୍ଷର । ସତରେ ଏ ବିଶ୍ୱ ବ୍ରହ୍ମାଣ୍ଡ କେତେ ବିଚିତ୍ର ତାହା ଠାରୁ ଆହୁରି ବିଚିତ୍ର ମଣିଷ ନାମକ ଏହି ଜୀବଟି । ନିଜ ଜ୍ଞାନ ଗରିମା ବଳରେ ସେ ଆଜି ସବୁ ଅସାଧ୍ୟକୁ ସାଧ କରିପାରିଛି । କାଲି ଯାହା ଅସମ୍ଭବ ମନେ ହେଉଥିଲା, ଆଜି ତାକୁ ସମ୍ଭବ କରି ଦେଖାଇଛି । ବିଜ୍ଞାନର ନବ ଉଦ୍ଭାବନ, ନୂତନ ବୈଷୟିକ ଜ୍ଞାନକୌଶଳ ଆଜି ମଣିଷର ଜୀବନକୁ ସହଜ ସରଳ ଓ ଉପଭୋଗ୍ୟ କରାଇବାରେ ସହାୟକ ହୋଇଛି ।

ଆଜି ସମଗ୍ର ବିଶ୍ୱ ସତେ ଯେଭଳି ତା'ହାତ ମୁଠାରେ । ଜ୍ଞାନ ବଳରେ ଏହି ପୃଥିବୀର ମଣିଷ ସୁଦୂର ମଙ୍ଗଳ ଗ୍ରହରେ ଉଡ଼ାଇ ସାରିଲାଣି ତା'ର ଜୈତ୍ର ପତାକା । ସବୁ ବିକାଶ, ସମୃଦ୍ଧି ଓ ସଫଳତା ସତ୍ତ୍ୱେ ଆଧୁନିକ ମଣିଷ ଏକ ଅଭାବବୋଧ ମଧରେ ଘାରି ହୋଇଥିବା ଭଳି ମନେ ହୁଏ । ସବୁ ପ୍ରାପ୍ତି ମଧ୍ୟରେ ଅପ୍ରାପ୍ତିର କ୍ଷୋଭ, ସବୁ ପୂର୍ଣ୍ଣତା ମଧ୍ୟରେ ଅପୂର୍ଣ୍ଣତାର ସ୍ୱର ମଣିଷକୁ କରିଛି ଅସ୍ଥିର ଓ ଅଶାନ୍ତ । କେମିତି କେଜାଣି ଏକ ନିପାରିବା ପଣ ତା' ପାଦତଳର ମାଟିକୁ ଦୋହଲେଇ ଦେଉଛି । ମନ ଆଉ ବିବେକର ସଂଘର୍ଷ ତା' ଅନ୍ତସତ୍ତା ମଧ୍ୟରେ ସୃଷ୍ଟି କରିଛି ଅଦିନିଆ ଝଡ଼ । ସେ ତ କେବେ ତା' ଜୀବନ ନକ୍ସାରେ ଆଙ୍କି ନଥିଲା ଝଡ଼ର କରାଳ ରୂପ ଅଥବା ଚାହିଁ ନଥିଲା ଆତ୍ମପରିଚୟହୀନ ସର୍କସର ଜୀବମାନଙ୍କ ଭଳି ପରାଧୀନତାର ଶୃଙ୍ଖଳାକୁ । ହେଲେ ମୁକ୍ତି କାହିଁ, ସବୁ ଆଡ଼େ ତ ଦାସତ୍ୱର ବୋଝ ତଳେ ଚାପି ହୋଇ ପଡ଼ିଥିବା ଅଇଁଠା ଚଟା ଅସହାୟ ମଣିଷମାନଙ୍କ ଦୀର୍ଘ ଶ୍ୱାସ । ସମସ୍ତେ ଜଣେ ଜଣେ ଐସକ୍ରିକ୍ଷକ୍ରଶକ୍କରବୟ ବା ଆତ୍ମପ୍ରବଞ୍ଚକ । ଜୀବନ ରଂଗ ମଂଚରେ ବଞ୍ଚିବା ପାଇଁ ଅଭିନୟ କରି ଆସୁଥିବା ନିଖୁଣ ଅଭିନେତା ସମସ୍ତେ ଅସଜଡ଼ା ଜୀବନକୁ ସଜାଡ଼ିବା ପାଇଁ ଅବିଶ୍ରାନ୍ତ ଭାବେ ଲେଖିଚାଲିଛନ୍ତି, ଆଶା, ସ୍ୱପ୍ନ ଓ ସମ୍ଭାବନାର ହସ୍ତାକ୍ଷର ।

ଗାଳ୍ପିକ ରଜନୀକାନ୍ତଙ୍କ ଆଲୋଚ୍ୟ ସଂକଳନରେ ସ୍ଥାନିତ ସମସ୍ତ ଗଳ୍ପ ଗଭୀର ଜୀବନାନୁଭୂତିର ବଳିଷ୍ଠ ଆଲେଖ୍ୟ ବହନ କରେ । ସମାଜର ପ୍ରତ୍ୟେକ ସ୍ତରରେ ବାସ କରୁଥିବା ମାନବଆତ୍ମାକୁ ଖୁବ୍ ନିକଟରୁ ଅନୁଭବ କରୁଥିବା ସ୍ରଷ୍ଟା ମାନସ ପ୍ରସବିଛି ଗୋଟିଏ ଗୋଟିଏ ଜୀବନ୍ତ ଓ ବାସ୍ତବ ଗଳ୍ପ । ସବୁଠି ମଣିଷର ସୁଖ-ଦୁଃଖ, ତେଲ-ଲୁଣର ନିଛକ ଜୀବନ ଚିତ୍ର । ତାଙ୍କ ଦୃଷ୍ଟିରେ ଉଚ୍ଚନିଚ, ଧନୀ ଦରଦ୍ରର ପାର୍ଥକ୍ୟ ନାହିଁ । ତେଣୁ ସମଗ୍ର ବିଶ୍ୱମାନବର ହାନୀ-ଲାଭ, ସୁଖ-ଦୁଃଖ ଓ ଚିନ୍ତା-ଚେତନା ପ୍ରକାଶିତ ହୋଇଛି

। ଏହି ଚିନ୍ତା ପୁଣି ପ୍ରତ୍ୟେକ ମୁହୂର୍ତ୍ତର ଭାବଧାରାରେ ଅନୁରଞ୍ଜିତ । ଏଇଠି ଆଜିର ଦ୍ରୁତ ଜୀବନଶୈଳୀ ଜାପନ କରୁଥିବା ମଣିଷମାନଙ୍କ ପାଇଁ ପ୍ରତ୍ୟେକ ମୁହୂର୍ତ୍ତ ମୂଲ୍ୟବାନ । ତେଣୁ ଆଜିର କଥାଶିଳ୍ପୀ ଗଭୀର ଅନୁଭୂତି ବ୍ୟଞ୍ଜିତ ମୁହୂର୍ତ୍ତକୁ ଗଳ୍ପ ଛାତିରେ ଉଦ୍ଭାସିତ କରେ । ସମୟ ଚକର ଘୂର୍ଣ୍ଣନୀରେ ଗୋଟିଏ ମୁହୂର୍ତ୍ତ ଅତିବାହିତ ହୋଇଗଲା ପରେ ତାହା ମଣିଷ ଜୀବନରେ ଆଉ କେବେ ଫେରେନା । ପରମୁହୂର୍ତ୍ତରେ ସୃଷ୍ଟି କରେ ମାନବ ଆତ୍ମାର ବିତିଯାଇଥିବା ମୁହୂର୍ତ୍ତମାନଙ୍କର ଗଭୀର ଆଲୋଡ଼ନ ସାଂପ୍ରତିକ ସମୟର ଶିଳ୍ପୀ ସେହି ଆଲୋଡ଼ନର ଅନ୍ତଃଚେତନାକୁ କଳାତ୍ମକ ରୂପପ୍ରଦାନ କରିଥାଏ । ଏହି ରୂପାୟନ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା କ୍ଷୁଦ୍ର ଗଳ୍ପରେ ଅଧିକ ଜୀବନ୍ତ ଓ ବାସ୍ତବ ମନେ ହୁଏ । ଏଥିପାଇଁ ଆଜିର କ୍ଷୁଦ୍ରଗଳ୍ପର ଲେଖକ ବର୍ତ୍ତମାନର ମୁହୂର୍ତ୍ତ ସର୍ବୋସ୍ୱ ଜୀବନକୁ ନେଇ ଗଳ୍ପ ଲେଖେ । ଏହି ମୁହୂର୍ତ୍ତ କେତେବେଳେ ଅଶ୍ଳୁଳ ଆଉ ଦୁଃଖଦ, କେତେବେଳେ ସଂଘର୍ଷ ଆଉ ସଂଘାତମୟ ଏବଂ ପୁଣି କେତେବେଳେ ସଂଶୟ ଆଉ ଅନ୍ୱେଷା ଓ ଜିଜ୍ଞାଷାମୟ । ଏହି ମର୍ମରେ 'ଅଇଁଠାରାଣୀର ଦେଶ'ର ଝାଙ୍କୁଲି ପାଇଁ ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଗୋଟିଏ ବିନ୍ଦୁ ମଧ୍ୟରେ ସ୍ଥିର ହୋଇ ପଡ଼ିଥିବା ଅବସ୍ଥା ମାତ୍ର । ତା' ଜୀବନର ସ୍ଥିତି ଅଛି ସତ କିନ୍ତୁ ଗତିନାହିଁ, ଭବିଷ୍ୟତକୁ ପରିବର୍ତ୍ତୀତ କରିବାର ସାମର୍ଥ ମଧ୍ୟ ନାହିଁ । ସେଥିପାଇଁ ଆଜିକୁ କେତେ ପୁରୁଷ ଗଡ଼ି ଆସିଲାଣି ସେମାନେ ଏମିତି ଅଇଁଠା ଖାଇ ବାସନ ମାଜି ବଞ୍ଚି ଆସିଛନ୍ତି । ଝାଙ୍କୁଲିର ପରିବାର ପାଇଁ ଏହି କାର୍ଯ୍ୟ କେଉଁ ଦିନୁ ଯେ ପରଂପରାରେ ପରିଣତ ହୋଇ ସାରିଲାଣି ତାହା ନିର୍ଦ୍ଦିଷ୍ଟ ଭାବାରେ କହିବା ସମ୍ଭବ ନୁହେଁ । ବାପା ଜେଜେବାପା ଅମଳରୁ କରୁଥିଲେ ଝାଙ୍କୁଲି ମଧ୍ୟ ସେମାନଙ୍କର ଉତ୍ତରାଧିକାରୀ ଭାବେ ନିର୍ବିବାଦରେ ତୁଲାଇ ଆସୁଛି । ସମସ୍ତଙ୍କ ଭଳି ଝାଙ୍କୁଲି ମଧ୍ୟ ଆଖିରେ ଆଖିଏ ସ୍ୱପ୍ନ ନେଇ ବଞ୍ଚିବାକୁ ଚାହୁଁଥିଲା । କିନ୍ତୁ ସମାଜର ଲମ୍ପଟମାନେ ତା' ସରଳ ମନରେ ଭରି ଦେଇଛନ୍ତି ପ୍ରତାରଣାର ବିଷ । ତେଣୁ ସେ ସମାଜକୁ ଘୃଣା କରେ ଏବଂ ଧିକାର କରେ । ସେମାନଙ୍କର ମରଦ ପଣିଆକୁ କେବେ ମଧ୍ୟ ବାପର ପରିଚୟ ପାଇନଥିବା ସନ୍ତାନମାନଙ୍କୁ ସେ ହତାଦର କରିନି । ଅବଶ୍ୟ ବେଳେବେଳେ ବିରକ୍ତିରେ ନିଜ ଛୁଆମାନଙ୍କୁ 'ହାରାମି' ସମ୍ବୋଧନ କରି ଆପଣା ମନକୁ ବୁଝାଇଦିଏ, କିନ୍ତୁ ଭଦ୍ରତାର ଆବରଣ ତଳେ ଆତ୍ମଗୋପନ କରିଥିବା ଲମ୍ପଟୀ କାମୁକମାନଙ୍କର ବିଶ୍ୱାସଘାତକତାର ଖେଦକୁ ହୃଦୟରୁ ପୋଛିଦେଇ ପାରିନି । ଝାଙ୍କୁଲି ପ୍ରତାରିତ ହୋଇଛି ସତ, କିନ୍ତୁ ଜୀବନ ଯୁଦ୍ଧରେ ପରାଜିତ ନୁହଁ, ବଞ୍ଚିବା ପାଇଁ ଅଇଁଠାରାଣୀର କଳଙ୍କିତ ଉପାଧିକୁ ଧାରଣ କରି ଜୀବନ ଯୁଦ୍ଧରେ ସଂଘର୍ଷ କରିଛି । ଝାଙ୍କୁଲି ଦେଖିଛି ଏଇ ଯୁଦ୍ଧରେ ସେ ଏକାକି ସୈନିକ ନୁହେଁ, ବରଂ ତା' ଭଳି ଅନେକ ଝାଙ୍କୁଲି ଜୀବନ ରଣାଗଂନରେ ପ୍ରତିଷ୍ଠିତ ସମାଜ ବ୍ୟବସ୍ଥା ବିରୋଧରେ ଲଢ଼ିଚାଲିଛନ୍ତି ବର୍ଷବର୍ଷ ଧରି । ବାସ୍ତବିକ ଝାଙ୍କୁଲି ହେଉଛି ଅଗଣିତ ଦରିଦ୍ର ନିରନ୍ନ ଜନତାଙ୍କ ପ୍ରତିନିଧି, ଯେଉଁମାନେ ପ୍ରତିମୁର୍ହୂତ୍ତରେ ବଞ୍ଚିବା ପାଇଁ ଧନିକର ମୁଠାଏ ଅଇଁଠା ଖାଦ୍ୟର ଆଶାରେ ଦାସତ୍ୱକୁ ବରଣ କରିଛନ୍ତି । ଗାଳ୍ପିକ ଆମ ସମାଜରେ ପରିଲକ୍ଷିତ ଧନୀ ଦରିଦ୍ରର ତାରତମ୍ୟକୁ ଅତ୍ୟନ୍ତ ମାର୍ମିକ ଭାବେ ଉପସ୍ଥାପନ କରିଛନ୍ତି । ପ୍ରକୃତରେ ସମାଜର ଗୋଟିଏ ବର୍ଗ ଘିଅ ମହୁରେ ଭାସୁଥିବାବେଳେ ଅପର ବର୍ଗଟି ମୁଠାଏ ଅନ୍ନ ପାଇଁ ପଶୁ ତୁଲ୍ୟ ଅନ୍ୟର ଉଚ୍ଛିଷ୍ଟ ଚାହିଁ ଯୁଗେ ଯୁଗେ ସମ୍ଭ୍ରାନ୍ତର ଅହଂକାରୀ ଉଚ୍ଛିଷ୍ଟ ଅନ୍ନର ପାହାଡ଼ ତଳେ ପୋତି ହୋଇଯାଉଛନ୍ତି ।

ସତରେ ଆଜିର ମଣିଷ କେତେ ନିର୍ମମ ଓ ସମ୍ବେଦନହୀନ । ଦୟା, କ୍ଷମା, କରୁଣା ଓ ମଣିଷପଣିଆ ଭଳି ମହୋନୀୟ ମାନବୀୟ ଗୁଣାବଳୀ ଗୁଡ଼ିକ ତଥାକଥିତ ଆଧୁନିକ ସଭ୍ୟ ଶିକ୍ଷିତ ମଣିଷ ହୃଦୟରୁ କ'ଣ ବିଲୁପ୍ତି ହୋଇଯାଇଛି? ଏକଦା ଯେଉଁ ମାନବ ଜାତି ଆପଣା ମଣିଷପଣିଆ ପାଇଁ ସମଗ୍ର ସୃଷ୍ଟିରେ ଶ୍ରେଷ୍ଠ ଜୀବର ମର୍ଯ୍ୟାଦା ଲାଭ କରିଥିଲା, ସେହି ମଣିଷ ଆଜି ସମଗୋତ୍ରୀମାନଙ୍କ ପ୍ରତି ଯେଉଁ ଭଳି ଆଚରଣ କରୁଛି ତାହା ନିଶ୍ଚିତ ଭାବେ ଏକ ସ୍ୱର୍ଶକାତର ପ୍ରସଂଗ । ସ୍ୱାର୍ଥପରତା, ପରିଶ୍ରୀକାତରତା, ଅତ୍ୟଧିକ ବସ୍ତୁ ନିର୍ଭରଶୀଳତା ସାଂପ୍ରତିକ ମଣିଷକୁ ଯନ୍ତ୍ର ମଣିଷରେ ପରିଣତ କରିଛି । ନିଜ ଐତିହ୍ୟ, ପରଂପର. ସଂସ୍କୃତି ସର୍ବୋପରି ମାନବୀୟ ସମ୍ପର୍କ ଠାରୁ ସେ ଆଜି ବିଛିନ୍ନ ହୋଇ ନିସଂଗତା ଓ ତଦ୍‌ଜନିତ ଅସହାୟବୋଧର ରଗ୍‌ଣ ବାତାବରଣ ମଧ୍ୟରେ ବଞ୍ଚିବା ପାଇଁ ପ୍ରୟାସ କରୁଛି । ଆଜି ହରେଇ ବସିଛି ତା' ଓଠରୁ ହସିବାର ସାମର୍ଥ୍ୟ । ଯଦିବା କେବେ ହସିବାକୁ ପ୍ରୟାସ କରେ, ସେହି ହସରୁ ଲୁପ୍ତ ହୋଇଯାଇଛି ଆନନ୍ଦର ସ୍ୱାଦ । ଜୀବନ ନକ୍ସାରେ ହସର ପାଦ ଚିହ୍ନକୁ ସ୍ମୃତି ଭଳି ସାଉଁଟିବା ଛଡ଼ା ତା' ପାଖରେ ଅନ୍ୟ ଉପାୟ ନାହିଁ । ବୋଧହୁଏ ଏଇଥି ପାଇଁ ସ୍ମାଇଲୋଲୋଜି ଶାଏରୀର ଏକ ଗବେଷଣା ପ୍ରସଂଗ ପାଲଟିଛି "କିଏ କେମିତି ହସିଲେ, କେତେ ସମୟ ଧରି ହସିଲେ ସୁନ୍ଦର ଦିସିବ ବା କେଉଁ ଭାବ ପାଇଁ କେଉଁ ଟାୟିପ୍‌ର ହସ ଆବଶ୍ୟକ ସେ ସମ୍ପର୍କରେ ପାଠ ପଢୁଛି । ପ୍ରତିଦିନ ନିୟମିତ ନିରନ୍ତର ଅଭିନୟର ହସ ବା ହସର ଅଭିନୟକୁ ଦେଖି ଦେଖି ମଣିଷ ମନରେ ଏକ ପ୍ରକାର ବିତୃଷ୍ଣା ଓ ବିରକ୍ତି ସୃଷ୍ଟି ହୋଇ ସାରିଲାଣି ଏବଂ ସେ ବିତୃଷ୍ଣାକୁ ହଜମ କରିନପାରି ଲୋକ ମାରାତ୍ମକ ବ୍ୟାଧିରେ ଶିକାର ହୋଇସାରିଲେଣି । ସେଥିପାଇଁ ଶାଏରୀ ଏକ ଗୁରୁତ୍ୱ ପୂର୍ଣ୍ଣ ଗବେଷଣା କାର୍ଯ୍ୟଟି ହାତକୁ ନେଇଛି ।" (ନକ୍ସା) ବାସ୍ତବିକ ଏହା ଏକ ଗଳ୍ପର ବର୍ଣ୍ଣିତ ପ୍ରସଂଗ କେବଳ ନୁହଁ ବରଂ ସାଂପ୍ରତିକ ମଣିଷ ପାଇଁ ଏକ ଜଟିଳ ସମସ୍ୟା । ତେଣୁ ବର୍ତ୍ତମାନର ପିଢ଼ି ଅଣ୍ଟା ଭିଡ଼ିଛି ତା'ର ପୂର୍ବ ପିଢ଼ିମାନେ ହଜାଇ ଦେଇଥିବା ହସର ଅନୁସନ୍ଧାନ ପାଇଁ। ସେମାନେ ପୁନଶ୍ଚ ଜଡ଼ିତ ହେବାକୁ ଚାହାଁନ୍ତି ନିଜ ମାଟି ପରଂପରା ଓ ଐତିହ୍ୟ ସହ । ତେଣୁ ଶାଏରୀ ଭଲ ପାଏ ତା' ଜେଜେ ଭିକା ସାଆନ୍ତକୁ । କେବଳ ସେତିକି ନୁହେଁ ଭିକା ସାଆନ୍ତ ତ ଶାଏରୀ ପାଇଁ ଜୀବନ୍ତ ପୁରା ତତ୍ତ୍ୱ, ଚଳନ୍ତି ମନ୍ୟୁମେଣ୍ଟ ।

ଅତୀତ ବର୍ତ୍ତମାନର ଏହି ଅପୂର୍ବ ସଂଯୋଗ ଆଦୌ ଆକସ୍ମିକ ନୁହେଁ । ବର୍ତ୍ତମାନର ନୂତନ ପିଢ଼ି ଅତୀତ ପ୍ରତି ଯେଉଁ ପରିବର୍ତ୍ତନ ଆସିଛି ତାହା ପ୍ରଚଳିତ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ଏକ ନିରବ ପ୍ରତିବାଦ । କିଛି ବର୍ଷର୍ ଧରି ଆମ ସମାଜରେ ଦେଖାଦେଇଥିବା ପିଢ଼ି ଗତ ବ୍ୟବଧାନ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଏଭଳି ନୂତନ ପିଢ଼ିର ପୂର୍ବ ପିଢ଼ି ପ୍ରତି ସମ୍ମନାବୋଧ ନିଶ୍ଚିତ ଭାବେ ଏକ ସୁସ୍ଥ ମାନସିକତାର ପରିଚାୟକ ।

ତଥାପି ଆଜିର ଏହି ଉପଭୋକ୍ତାବାଦୀ ସମାଜରେ ବାସ କରୁଥିବା ସବୁ ମଣିଷମାନଙ୍କର ମନ କ'ଣ ସୁସ୍ଥ? ସମସ୍ତେ କ'ଣ ଅନ୍ୟର ମନ ଓ ଆବେଗକୁ ବୁଝିବା ପାଇଁ ସମର୍ଥ? ନିଶ୍ଚିତ ଭାବେ ନାହିଁ । ଯଦି ଏହା ସମ୍ଭବ ହୋଇଥାନ୍ତା ତାହାଲେ ଗୋଟିଏ ଛାତ ତଳେ ରହୁଥିବା ଦୁଇଟି ମନ ପରସ୍ପର ପାଇଁ ରହସ୍ୟ ହୋଇ ରହିନଥାନ୍ତା । ଅଥବା ଆପଣା ଆପଣା ମନଭିତରେ

ଘୁମୁରି ମରି ନଥାନ୍ତେ । ସହଜେ ମଣିଷ ମନ ତ ଏକ ଅନ୍ଧାରୀ ମୂଲକ । ସେହି ମୂଲକରେ ସାଇତା ହୋଇ ରହିଛି ମଣିଷର ଅସୁସ୍ଥ ମନ, ମନ ଭିତରେ ସାଇତା ପରସ୍ତ ପରସ୍ତ ସ୍ମୃତିର ଫସିଲ୍ । ସୁତରାଂ ବିବର୍ତ୍ତୀତ ଜୀବନ ଧାରାରେ ଏପରି କିଛି ଘଟଣା ଘଟିଥାଏ, ଯାହାକୁ ମଣିଷ ଭୁଲିବାକୁ ଚାହିଁଲେ ମଧ୍ୟ ଭୁଲି ପାରେନା ।

ମନେହୁଏ ସମୟର ଗତିପଥ ମଧ୍ୟ ସ୍ଥିର ହୋଇପଡ଼ିଛି ସେହି ଗୋଟିଏ ବିନ୍ଦୁରେ । 'ଜଗତ ପେଡ଼ି' ଗଳ୍ପରେ ଲତା ନିଜ ଜୀବନର ବାଲ୍ୟଅବସ୍ଥାରେ ଘଟିଯାଇଥିବା ସେହିଭଳି ଏକ ଘଟଣାର ଅଡୁଆ ସୂତାରେ ଛନ୍ଦି ହୋଇପଡ଼ିଛି । ଇତି ମଧ୍ୟରେ କେତେ ଯେ ବସନ୍ତ ତା' ମୁଣ୍ଡ ଦେଇ ଅତିବାହିତ ହୋଇସାରିଲାଣି, ବୟସର ଧୂଳି ମଧ୍ୟ ଲତାର ଶରୀରକୁ କେବେଠାରୁ ଧୂସର କରିସାରିଲାଣି, ସେଥିପ୍ରତି ତା'ର ନିଘା ନାହିଁ । ସତେ ଯେମିତି ସମୟ ତା'ର ହାତ ଧରି ନେଇଯାଉଛି ହଜିଯାଉଥିବା ଅତୀତ ପାଖକୁ । ଯେଉଁଠି ସେ ଖେଳୁଥିଲା ମିଛିମିଛିକା ଘର ସଂସାରର ଖେଳ, ଟିକି କଣ୍ଢେଇ ଟିକି ଖେଳଣା ଆଉ ଟିକି ଟିକି ମନସବୁ ମଜିଯାଉଥିଲେ ଖିଆଲି ଭାବନାରେ । ହେଲେ ଲତା କେବେ କଳ୍ପନା କରି ନଥିଲା ପିଲା ଦିନର ସାଥି ସୋମୁ ହଠାତ୍ ଦିନେ ଚାଲିଯିବ କେଉଁ ଏକ ଅପହଞ୍ଚ ଇଲାକାକୁ । ସୋମୁର ଏହି ଆକସ୍ମିକ ବିଚ୍ଛେଦ ଲତା ମନରେ ସୃଷ୍ଟି କରିଥିଲା ଏକ ଅଲିଭା ଦାଗ। ଲତାର ଶରୀର ସମୟ ସହ ତାଳ ଦେଇ ଗତି କରିଛି ବର୍ଷ ପରେ ବର୍ଷ ହେଲେ ମନ ଅଟକି ରହିଛି ପିଲାଦିନର ସେଇ ଆକସ୍ମିକ ଘଟଣା ପାଖରେ ।

ଟିକି ଚଢ଼େଇ, ଟିକି ଖେଳନା ଟିକି ଟିକି ପିଲାମାନଙ୍କୁ ଦେଖିଲେ ଆଜି ମଧ୍ୟ ଲତାର ମନ ହଜିଯାଏ କେଉଁ ଏକ ଖିଆଲି ଭାବନା ରାଜ୍ୟରେ । ଲତା ଚରିତ୍ରର ମାନସିକ ଆଲୋଡ଼ନକୁ ଖୁବ୍ ଚମତ୍କାର ଭାବରେ ରୂପାୟିତ କରିଛନ୍ତ କଥାକାର ଶ୍ରୀ ମହାନ୍ତି । ଗୋଟେ ମୁହୂର୍ତ୍ତରେ ଘଟିଯାଇଥିବା ଘଟଣାକୁ ଆଜୀବନ ଆଲୋଡ଼ିତ କରିପାରେ ଏବଂ ମଣିଷ ସେହି ଅଭାବରୁ ଯେତେ ଚାହିଁଲେ ମଧ୍ୟ ମୁକ୍ତ ହୋଇପାରେନି, ଏହି ସତ୍ୟର ଆଭାସ ହିଁ 'ଜଗତପେଡ଼ି' ଗଳ୍ପର ମୁଖ୍ୟ ସ୍ୱର । ଆମ ସମାଜରେ ଲତା ଭଳି ଅନେକ ଚରିତ୍ର ଅଛନ୍ତି ଯେଉଁମାନେ ଅତୀତର ସ୍ମୃତିକୁ ନେଇ ବର୍ତ୍ତମାନରେ ବଞ୍ଚିବା ପାଇଁ ପ୍ରୟାସ କରୁଛନ୍ତି । ଜୀବନର ପରମ ସତ୍ୟକୁ ଉପଲବ୍ଧି କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇ ପଡ଼େ । ବାସ୍ତବ ଜୀବନରେ ଏମାନେ ତ ଜଣେ ଜଣେ ଅଭିନେତା, ଅଭିନୟ କରିଚାଲିଛନ୍ତି ଜୀବନ ରଂଗମଂଚରେ, ସମସ୍ତଙ୍କର ଦେହରେ ଆଜି ଛଦ୍ମତାର ଆବରଣ ଓ ସ୍ୱାର୍ଥପରତାର ମୁଖା । ଏଠି ସଭିଏଁ ପରସ୍ପରକୁ ଠକି ଚାଲିଛନ୍ତି ନିର୍ବିବାଦରେ । ଛଳନାରେ ଅନ୍ୟମାନଙ୍କୁ ଭଣ୍ଡିଦେବାର ପ୍ରବଣତା ମଧ୍ୟରେ ଆଜିର ମଣିଷ ଉପଲବ୍ଧି କରୁଛି ଜଣେ କୁଶଳୀ ଧୂର୍ତ୍ତ ମଣିଷର ଆତ୍ମସତ୍ତା । ଏହି ଧୂର୍ତ୍ତମାନେ ହିଁ ଆଜି ସମାଜ ଦୃଷ୍ଟିରେ ଜଣେ ଜଣେ ସଫଳ ଓ ପୋଖତ୍ ଅଭିନେତା । ଆଲୋଚ୍ୟ ସଂକଳନର 'ଅଭିନୟ' ଗଳ୍ପଟିରେ ମଣିଷର ଅଭିନୟ ପ୍ରତି ରହିଥିବା ଆତ୍ମିକ ଆସକ୍ତି ତଥା ବାସ୍ତବ ଜୀବନରେ ନିଛକ ପ୍ରତିଫଳନକୁ ଗାଳ୍ପିକ ଖୁବ୍ ସୁନ୍ଦର ଭାବରେ ଗଳ୍ପ ଛାତିରେ ତୋଳିଧରିଛନ୍ତି । ପ୍ରକୃତରେ ନାଟକର ମଂଚମାୟା ମଧ୍ୟରେ ଅଭିନେତାମାନେ ଯେଉଁ କାହାଣୀ, ଘଟଣା ଓ କ୍ରିୟାର ଅବତାରଣା କରିଥାନ୍ତି ତାହା ଆମ ପ୍ରକୃତ ଜୀବନର ପ୍ରତୀକାତ୍ମକ ପ୍ରତିଫଳନ । ଗାଳ୍ପିକ ନାଟକ ସହିତ ଜୀବନ ନାଟକର ଏକ ସମାନ୍ତରାଳ ଭାବଚିତ୍ର ଅଙ୍କନ କରି ସୃଷ୍ଟିର ପରମ ସତ୍ୟ ସହ ପାଠକମାନଙ୍କୁ ପରିଚିତ କରାଇବା ପାଇଁ ପ୍ରୟାସ କରିଛନ୍ତି । ଯଥାର୍ଥରେ ଦୁନିଆର ପ୍ରତ୍ୟେକ ମଣିଷ ସ୍ଥାନ କାଳ ଅନୁଯାଇ ନିଜ ନିଜ ଭୂମିକାକୁ ତୁଲାଇଚାଲିଛନ୍ତି ନିରବଛିନ୍ନ ଭାବେ । କିଏ ରଂଗିନ୍ ଆଲୁଅରେ ଝଲ୍‌ମଲ୍ କରୁଥିବା ରଂଗ ମଂଚର କୃତ୍ରିମ ଆଡ଼ମ୍ବର ମଧ୍ୟରେ ତ ଆଉ କିଏ ସୁଖ ଦୁଃଖ ତେଲ ଲୁଣର ବାସ୍ତବ ଦୁନିଆରେ । ସବୁଠି ରସ ରଂଗର ମନହାରୀ ଆସର । ଆଉ ନିଜକୁ ଅନ୍ୟଠାରୁ ଶ୍ରେଷ୍ଠ ଅଭିନେତା ଭାବରେ ପ୍ରତିପାଦନ କରିବାର ଅନ୍ତଃହୀନ ପ୍ରତିଦ୍ୱନ୍ଦ୍ୱୀ, ମଣିଷକୁ ଆତ୍ମପ୍ରବଞ୍ଚକରେ ପରିଣତ କରିଛି । ଚାରିଆଡ଼େ ଅବିଶ୍ୱାସ ଓ ସନ୍ଦେହର ବିଷମୟ ବାତାବରଣ। ସ୍ୱାର୍ଥର ପଶାପାଳିରେ ସଭିଏଁ ନିଜ ନିଜ ଗୋଟି ଚାଳନାରେ ମସ୍‌ଗୁଲ୍ । ଜରାଜୀର୍ଣ୍ଣ ସଭ୍ୟତା, ପତମାନ ସମାଜ ବ୍ୟବସ୍ଥା ଓ ଅବକ୍ଷୟୀ ମୂଲ୍ୟବୋଧ ଜନ୍ମ ଦେଇଛି ଅବିବେକୀ ମଣିଷମାନଙ୍କୁ । ଦୟା, କ୍ଷମା, ସେବା ଓ ତ୍ୟାଗ ଭଳି ମୋହନୀୟ ପ୍ରାଚ୍ୟ ଆଦର୍ଶ ଗୁଡ଼ିକ ଆଧୁନିକତାର କୃତ୍ରିମ ଆବରଣ ମଧ୍ୟରେ ହଜିଯିବାକୁ ବସିଛି । ଏକଦା ଅନନ୍ତ ଆକାଶର ଦିଗ୍‌ବଳୟକୁ ଭେଦି ଗୁଞ୍ଜରିତ ହେଉଥିବା ମହାତ୍ମ ଜୀନଙ୍କ (ଜୀବେଦୟା) ଭଳି ପରମ ମନ୍ତ୍ର ଜହ୍ଲାଦର ହିଂସ୍ର ଗର୍ଜନରେ ଆଜି ଅପବିତ୍ର ହୋଇପଡ଼ିଛି । ଚାରିଆଡ଼େ କୁଡ଼କୁଡ଼ ଜୀବମାନଙ୍କର ଆର୍ତ୍ତନାଦ । ମୃତ୍ୟୁର କରାଳ ନାଚ । ଅଜସ୍ର ଲାଳସାର ଲହଲହ ରକ୍ତ ଜିହ୍ୱା ପ୍ରସାରିତ କରିବାରେ ଲାଗିଛି ତା'ର କାୟା । ମଣିଷର ମାଂସ ଲୋଲୁପତା ଏବଂ ନୃସଂଶତା ଆଗରେ ନିରିହ ଜୀବମାନେ ବଳିପଡୁଛନ୍ତି ଶକ୍ତହୀନ ଭାବେ । ଜବେଇ ନୃସଂଶତା ଠାରୁ ବଳିପଡ଼ିଛି ଉପଭୋକ୍ତାବାଦୀ ମଣିଷର ନିଷ୍ଠୁରତା । ନିଜର ନିର୍ମମ ସ୍ୱାଭାବକୁ ଯୁକ୍ତିସଂଗତ କରିବା ପାଇଁ ସେ ପୁଣି ସୃଷ୍ଟି କରାଇଛି ବିଚିତ୍ର କଳ୍ପନା । ତାହା କେତେବେଳେ ବିଜ୍ଞାନର ପ୍ରାମାଣିକତା ଦ୍ୱାରା ପରିପୃଷ୍ଟ ତ ଆଉ କେତେବେଳେ ପୁରାଣ ଓ ଲୋକ କାହାଣୀର ଆପେକ୍ଷିକ ବିଶ୍ୱାସରେ ଅନୁରଞ୍ଜିତ । ହେଲେ କେଉଁଠି ତିଳେ ମାତ୍ର ଆତ୍ମଗ୍ଲାନିର ଭାବ ଦେଖିବାକୁ ମିଳେନାହିଁ । ଶହଶହ ମାଂସ ଲୋଭି ମଣିଷମାନଙ୍କ ଇନ୍ଦ୍ରିୟକୁ ତୃପ୍ତ କରିବା ପାଇଁ ମାଗୁ ଭଳି ଜବେଇମାନଙ୍କର ଜନ୍ମ । କେବେ କିଏ ମାଆ ପେଟରୁ ଜବେଇର ହିଂସ୍ରତା ନେଇ ଜନ୍ମ ହୁଏନି । ପରିସ୍ଥିତି ପରିବେଶ ତା ହାତରେ ଧରେଇ ଦିଏ ନିର୍ମମତାର ତିକ୍ଷ୍ଣ ଛୁରୀ । ଛାତିରେ ପଥର ରଖି ନିଜକୁ ଟାଣ କରେ ଏବଂ ପାଲଟି ଯାଏ ମଣିଷରୁ ଜବେଇ । କିନ୍ତୁ କାଳୁ ନିଜ ବାପା ଭଳି କୁଶଳୀ କଂସେଇ ହୋଇପାରିନାହିଁ । ମାଗୁ ଅନେକ ଥର ତାଗିଦ୍ କରିଛି ଛାତିକୁ ଦମ୍ଭ କରିବା ପାଇଁ, ହେଲେ କାଳୁର ମନ କଂସେଇ କାମକୁ ସହଜରେ ଗ୍ରହଣ କରିପାରିନାହିଁ । ଜବେଇ ହେଉଥିବା ଛେଳିମାନଙ୍କର କାତର ମୁହଁ ସବୁ କାଳୁର ଛାତିକୁ ଅଜଣା ଆତଙ୍କରେ ଦୋହଲାଇ ଦେଉଛନ୍ତି । ତା' ମନ ଅସ୍ଥିର ହୋଇଉଠେ, ହୃଦୟରେ ସୃଷ୍ଟି ହୁଏ ଭୟ ଆଉ ରୁମାଞ୍ଚର ଜୁଆର । ଜଣେ କଂସେଇ ଜୀବନରେ ଜୀବ ହତ୍ୟା ଏକ ସାଧାରଣ ଘଟଣା ହେଲେ ମଧ୍ୟ ବେଦରଜୀ ହୃଦୟଟି ବେଳେବେଳେ ଅଜସ୍ର ଯନ୍ତ୍ରଣାରେ ବିଳାପ କରିଉଠେ । ଆଲୋଚ୍ୟ ଗଳ୍ପରେ ଶ୍ରୀ ମହାନ୍ତି ସାଧାରଣ କଂସେଇ ଜୀବନର ମାନସିକ ଆଲୋଡ଼ନକୁ ବିଶ୍ଳେଷଣ କରିବା ସହ ଲାଳସାଗ୍ରସ୍ତ ବିଳାସୀ ମଣିଷମାନଙ୍କ ନିର୍ମମ ସ୍ୱଭାବକୁ ତାସଲ୍ୟ କରିଛନ୍ତି । ସୃଷ୍ଟିର ପ୍ରତ୍ୟେକ ଜୀବ ମଣିଷ ଭଳି ପ୍ରକୃତିର ସନ୍ତାନ । ସେମାନଙ୍କର ବି ବଞ୍ଚିବାର ଅଧିକାର ଅଛି । କିନ୍ତୁ ନିଜ ଇନ୍ଦ୍ରିୟ ସୁଖ ପାଇଁ ଆଜିର ସଭ୍ୟ ଶିକ୍ଷିତ ମଣିଷ ଯେଉଁଭଳି ଭାବେ ନିର୍ବାକ ପଶୁମାନଙ୍କୁ ହତ୍ୟା କରିଚାଲିଛି, ତାହା ଆଜି ମଣିଷର ନୈତିକତା

ପ୍ରତି ସୃଷ୍ଟିକରିଛି ପ୍ରଶ୍ନବାଚୀ । ଏହି ନିର୍ବୋଧ ପଶୁମାନେ ଯେ କେବଳ କଂସେଇଖାନାରେ ହଣା ଖାଉଛନ୍ତି ତାହା ନୁହେଁ; ମଣିଷ ଯେ ଆଜି ମଣିଷର ରକ୍ତ ପିପାସୁ ହୋଇ ପଡ଼ିଛି ଦ୍ୱିଧାହୀନ ଭାବେ । ମଣିଷର ଜୀବନ ବିନିମୟରେ ଆପଣା ସ୍ୱାର୍ଥ ହାସଲ କରିବା ଉପଭୋକ୍ତାବାଦୀ ସମାଜ ପାଇଁ ଏକ ସାଧାରଣ ଘଟଣା । ତେଣୁ ମୁନାଫାଖୋର ମାନଙ୍କ ଦୃଷ୍ଟିରେ ମଣିଷ ଜୀବନର ମୂଲ୍ୟ ମାତ୍ର କେତୋଟି ଟଙ୍କା । ସେ ଜାଣେ ଅର୍ଥର ପ୍ରଲୋଭନ ଆଗରେ ଅଗଣିତ ଅଭାବି ମଣିଷ ପ୍ରସ୍ତୁତ ଅଛନ୍ତି ନିଜ ଜୀବନକୁ ସମର୍ପିଦେବା ପାଇଁ । କଦାଚିତ ତା'ପରେ ଆରମ୍ଭ ହୋଇଯାଏ ଅର୍ଥ ଆଉ କ୍ଷମତାର ସର୍କସ ଖେଳ । ଦାରିଦ୍ରତାରେ ନିପିଡ଼ିତ ଅସଂଖ୍ୟ ଜନତା ଧନୀକର ସର୍କସ ଖେଳରେ ପାଲଟି ଯାଆନ୍ତି ଜଣେ ଜଣେ ନିର୍ବୋଧ ପଶୁ । ମେହନତି ମଣିଷର ଲହୁ ଆଉ ଲୁହରେ ନିର୍ମିତ ହୁଏ ସମ୍ଭ୍ରାନ୍ତର ସୁଉଚ୍ଚ ପ୍ରାସାଦ । ଭୋକର ଦାଉ ସହି ନପାରି ଗର୍ଭିଣୀ ନାରୀଟି ଅଚିରେ ଟଳିପଡ଼େ ବଣିଆ ସମାଜର ନିଷ୍ଠୁର ଛାତିରେ । ଐଶ୍ୱର୍ଯ୍ୟର କୃତ୍ରିମ ଆବରଣ ତଳେ ଚାପି ହୋଇ ଲୁଚିଯାଏ ମେହନତି ମଣିଷର ନିରୀହ ଜୀବନ । ଏଭଳି ଦୃଶ୍ୟ ତ ଆମ ସମାଜର ଏକ ନିତିଦିନିଆ ଘଟଣା । ବ୍ୟସ୍ତବହୁଳ ଜୀବନ ଧାରାରେ ସେସବୁ ଘଟଣା ପ୍ରତି ଧ୍ୟାନ ଦେବାପାଇଁ କାହା ପାଖରେ ସମୟ ଅଛି । ସମସ୍ତେ ମାୟାମୃଗର ଆକର୍ଷଣରେ ଧାଇଁ ଚାଲିଛନ୍ତି ଅସରନ୍ତି ପଥରେ । ଆଧୁନିକ ମଣିଷର ଏହି ସମ୍ବେଦନହୀନ ପ୍ରବୃତ୍ତି ଆଜି ସୃଷ୍ଟି କରିଛି ମଣିଷ ମଣିଷ ଭିତରେ ଅଦୃଶ୍ୟ ବ୍ୟବଧାନ । ସମାଜର ଗୋଟିଏ ବର୍ଗ ଅପର ବର୍ଗକୁ ଆଉ କେତେ ଦିନ ପର୍ଯ୍ୟନ୍ତ ନିଜ ଆଙ୍ଗୁଳିରେ ନଚଉଥିବ ସର୍କସର ବାଘ ଭଳି? ଶୋଷକର ନିରଙ୍କୁସ ପ୍ରଭାବରୁ ଏହି ନିରିହ ଜୀବମାନଙ୍କର କ'ଣ ମୁକ୍ତି ନାହିଁ? ଏଭଳି ଏକ ସମ୍ବେଦନଶୀଳ ପ୍ରସଂଗକୁ ଭିତ୍ତି କରି 'ସର୍କସ' ଗଳ୍ପର ଭାବବସ୍ତୁ ଗତିଶୀଳ । ବସ୍ତୁବାଦୀ ମଣିଷର ନିଷ୍ଠୁର ସ୍ୱାଭାବକୁ ଉନ୍ମୋଚିତ କରିବା ସହ, ଗାଳ୍ପିକ ଆଜି ମଧ୍ୟ ସମାଜରୁ ମଣିଷପଣିଆ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇନାହ, ଏହି ଭାବକୁ ସୁଧା ଚରିତ୍ର ସାହାଯ୍ୟରେ ତୋଳି ଧରିବା ପାଇଁ ପ୍ରୟାସ କରିଛନ୍ତି । ବାସ୍ତବିକ ଆତ୍ମଅହମିକା ଗ୍ରସ୍ତ ମଣିଷର ହୃଦୟରେ ମାନବିକତାର ପବିତ୍ର ଭାବ ଜାଗରଣ ପାଇଁ ଆଲୋଚ୍ୟ ଗଳ୍ପ ସାହାଯ୍ୟରେ ଉଦ୍ୟମ କରାଯାଇଛି । ଏକ ଶୋଷଣ ମୁକ୍ତ ସାମ୍ୟବାଦୀ ସମାଜ ଗଠନ ପାଇଁ କଥାକାର ତାଙ୍କ ଅଧିକାଂଶ ଗଳ୍ପରେ ପ୍ରୟାସ କରିଛନ୍ତି । ସଂଶିତ କାଳର ସାମାଜିକ ଜୀବନରେ କେବଳ ଆର୍ଥନୀତିକ ବୈଷମ୍ୟ ଓ ଶୋଷଣ ପରିଲକ୍ଷିତ ହେଉଛି ତାହା ନୁହେଁ, ବୌଦ୍ଧିକ ଓ ମାନସିକ ଶୋଷଣର ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି, ସୁତରାଂ ଉତ୍ତରଅଶୀ ପରବର୍ତ୍ତୀ ପର୍ଯ୍ୟାୟର ଓଡ଼ିଆ କଥାକାରମାନେ ଶୋଷଣର ବିଭିନ୍ନ ରୂପକୁ ନିଜ ସୃଷ୍ଟି ସମ୍ଭାର ମଧ୍ୟରେ ତୋଳି ଧରିବା ସହ ତଥାକଥିତ ସଭ୍ୟ ମଣିଷମାନଙ୍କ ଶୋଷଣ ବିରୋଧରେ ନିରବ ପ୍ରତିବାଦ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରଜନୀକାନ୍ତଙ୍କ 'ନିଷିଥ ସଂଗମ', 'ଶତାଣ୍ଡି ପୁରୁଷ', 'ଅନ୍ଧାରକୁ ପାଦେ', 'ହଡ଼ିକାଠ', 'ନାରଚ ଉବାଚ', 'ରାହାଜଗାଲୀ', 'ସୂର୍ଯ୍ୟ ରଂଗ', 'ବିପ୍ଳବ', 'ଗଣନାୟକ', 'ମହାସ୍ନାନ' ପ୍ରଭୃତି ଗଳ୍ପକୁ ସାମ୍ୟବାଦୀ ଚେତନାର ଆଦର୍ଶ ସୃଷ୍ଟି ଭାବରେ ଗ୍ରହଣ କରାଯାଇଛି । ଆଲୋଚ୍ୟ 'ହସ୍ତାକ୍ଷର' ଗଳ୍ପ ସଂକଳନରେ ଏହି ସ୍ୱରଟି ଆଦୌ ଶିଥିଳ ନୁହେଁ । 'ଅଇଁଠାରାଣୀର ଦେଶ', 'ଜବେଇ', 'ସର୍କସ' ଭଳି ଗଳ୍ପ ଗୁଡ଼ିକରେ ଶୋଷଣର ନଗ୍ନ ଚିତ୍ରକୁ ବେଶ୍ ଅନୁଭବ କରିହୁଏ । ସବୁଠି ଅସହାୟବୋଧର ମାର୍ମିକ ଚିତ୍ର ସହ ସବଳର ଦୁର୍ବଳ ଉପରେ ନିର୍ମମ ଶୋଷଣ ସୃଷ୍ଟି କରିଛି ଭାବବିହୋଳ ପରିବେଶ । ସାମାଜିକ କାରୁଣ୍ୟ ବୋଧକୁ ଗଳ୍ପର ଅନ୍ତଃସ୍ୱର ଭାବେ ପ୍ରତିଫଳିତ କରି ଗାଳ୍ପିକ ପାଠକୀୟ ସମ୍ବେଦନଶୀଳତାକୁ ଉଦ୍‌ଯାପିତ କରିବାରେ ଯଥେଷ୍ଟ ସାଫଲ୍ୟ ଅର୍ଜନ କରିପାରିଛନ୍ତି ।

ସାମାଜିକ ବାସ୍ତବତା ସହିତ ଶ୍ରୀ ମହାନ୍ତିଙ୍କ ଗଳ୍ପ ଗୁଡ଼ିକରେ ପ୍ରେମର ମହଳ ରୂପ କଳାତ୍ମକ ଭାବେ ଉତ୍‌କୀର୍ଣ୍ଣ ହୋଇପାରିଛି । ଆଜିର ଘୁଣ ଖିଆ ସମାଜରେ ଶାଶ୍ୱତ ପ୍ରେମ ଦିବାସ୍ୱପ୍ନରେ ପରିଣତ ହୋଇଛି । ସବୁଠି ପ୍ରେମ ନାଁରେ ସ୍ୱାର୍ଥର ବହଳ ଆସ୍ତରଣ, ପ୍ରତିଦାନରେ ଆଶା ହିଁ ପ୍ରେମର ପରିଚାୟକ ଭାବେ ପରିଭାଷିତ ହୋଇଛି । ଦେହାତୀତ ପ୍ରେମର ବିରଳ ଅନୁଭବ ମଳିନ ହୋଇପଡ଼ିଛି, ଦେହ ଭୋଗର ତାମସିକ ପ୍ରବୃତ୍ତି ଦ୍ୱାରା । ସବୁଆଡ଼େ ଅତୃପ୍ତ ଦେହମାନଙ୍କର ଉଷ୍ମ ଦୀର୍ଘ ଶ୍ୱାସ ପ୍ରଖର ହେବାରେ ଲାଗିଛି । ଏହି ମର୍ମରେ ଶ୍ରୀ ମହାନ୍ତି 'ଥରଥର କଡ଼', ପିଞ୍ଜରା, ତଥାସ୍ତୁ, ଦପ୍‌ଦପ୍ ଫଣା ପ୍ରଭୃତି ଗଳ୍ପକୁ ଆଲୋଚନା କରାଯାଇପାରେ । ସବୁଠି ଦେହ ଭୋଗର ନଗ୍ନ ରୂପ ବିକାର ଗ୍ରସ୍ତ ମଣିଷ ଇନ୍ଦ୍ରିୟ ସୁଖ ପାଇଁ ଯେକୌଣସି ଉପାୟକୁ ଅବଲମ୍ବନ କରିବା ପାଇଁ ତତ୍ପର ହୋଇପଡ଼ିଛି । ତ୍ୟାଗ, ସମର୍ପଣ, ବିଶ୍ୱାସ ଭଳି ପ୍ରେମର ପାରଂପରିକ ଆଧାର ଗୁଡ଼ିକ ଇନ୍ଦ୍ରିୟ ଲାଳସା ଆଗରେ ଭୁଷୁଡ଼ି ପଡୁଛି । କାମନାର ଉଦାମତା ବିବାହର ପବିତ୍ରତାକୁ କରିଛି ସଙ୍କଟାପନ୍ନ, ପରନାରୀକୁ ଅଙ୍କ ମଣ୍ଡେଇବାରେ ସେ ଅନୁଭବ କରୁଛି ସ୍ୱର୍ଗସୁଖ । ତେଣୁ ବିବାହ ଭଳି ପବିତ୍ର ବନ୍ଧନରେ ଆବଦ୍ଧ ହୋଇଥିବା ସତ୍ତ୍ୱେ ମଣିଷର ଅବଚେତନ ମନରେ ଦୁର୍ବଳ ମୁହୂର୍ତ୍ତ ତଥା ଛବିଗୁଡ଼ିକ ସ୍ୱତଃ ନାଚିଉଠେ । ଅତୀତର ସନ୍ତର୍ପିତ ପଦପାତ ବର୍ତ୍ତମାନକୁ ଅସ୍ୱୀକାର କରେ । କିନ୍ତୁ ଆତ୍ମିକ ପ୍ରେମ ସଞ୍ଚାରି ପାରେ ମଣିଷର ଚେତନାରୁ ଅବଚେତନ ଯାଏଁ । ସେଠି ନଥାଏ କିଛି ପାଇବାର ଆଶା ନା ହରେଇବାର ଗ୍ଳାନି । ଖାଲି ଡହଡହ ଭଲ ପାଇବାର ଶୀତଳ ଆତ୍ମୀୟତା । ଶ୍ରମଣ, ପ୍ରତୀକ୍ଷା ତଥା ଚିତ୍ରରାଗ ଓ ପ୍ରୀତିଜାଙ୍କ ଭଲପାଇବା ପାଠକ ମନରେ ଆତ୍ମିକ ପ୍ରେମର ମୃଦୁ ଅନୁଭବ ସୃଷ୍ଟି କରୁଥିଲେ ମଧ୍ୟ କାମ ଲାଳସାରୁ ମୁକ୍ତ ନୁହେଁ । କିନ୍ତୁ 'ପିଞ୍ଜରା', 'ଦପ୍‌ଦପ୍ ଫଣା' ଗଳ୍ପରେ ପ୍ରତିଫଳିତ ପ୍ରେମ ନଗ୍ନ ଦେହ ଭୋଗର ବିଭତ୍ସ ରୁପକୁ ସୁଚିତ କରେ । ପଚମାନ ସମାଜ ବ୍ୟବସ୍ଥାରେ ଯାମିନୀ ମାନଙ୍କୁ ଲମ୍ପଟ କାମୁକମାନଙ୍କ ଦ୍ୱାରା ପ୍ରତି ମୁହୂର୍ତ୍ତରେ ପ୍ରତାରିତ ହେବାକୁ ପଡ଼େ । ସମାଜର ଲାଞ୍ଛନାକୁ ଭୟକରି ତା' ପ୍ରତି ହୋଇଥିବା ଯୌନ ବିକଳ୍ପ ରହିଯାଏ । ପ୍ରଥମତଃ ଶୋଷଣକୁ ଆଖିବୁଜି ସହିଯିବା, ନଚେତ ଅପବାଦରୁ ମୁକ୍ତି ପାଇଁ ଆତ୍ମହତ୍ୟା ଭଳି ମହାପାପକୁ ହସି ହସି ବରଣ କରିବ । ପ୍ରକୃତରେ ଖବର କାଗଜର ପୃଷ୍ଠା ଓଲଟାଇବା ମାତ୍ରେ ଏହି ଭଳି ଘଟଣାର ଖବର ପ୍ରଚୁର ମାତ୍ରାରେ ଆଜି ଦେଖିବାକୁ ମିଳୁଛି । ଆଜିର ଯୁବ ସମାଜ କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ ଯେଉଁଭଳି ବିବେକହୀନ କାର୍ଯ୍ୟ କରିଚାଲିଛି, ତାହା ନିଶ୍ଚିତ ଭାବେ ଏକ କଳୁଷିତ ସମାଜ ବ୍ୟବସ୍ଥାକୁ ଜନ୍ମ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଭଲପାଇବା ନାଁରେ ଉନ୍ମତ୍ତ ଯୌବନ ଓ ଦେହ ପ୍ରଦର୍ଶନର ଯାନ୍ତ୍ରବ ପ୍ରବୃତ୍ତି, ପ୍ରତିଷ୍ଠିତ ପରଂପରା ନୀତି ଓ ଆଦର୍ଶବୋଧ ଉପରେ କୁଠାରଘାତ କରିଛି । ଯେଉଁ ମାଟିରେ ରାମ, ସୀତା, ସତ୍ୟବାନ ସାବିତ୍ରୀ ଭଳି ନୀତିନିଷ୍ଠ ପ୍ରେମ ଉପାସକମାନଙ୍କର ଜନ୍ମ, ସେଇଠି ସାବି ଭଳି ଗରିବ ବିଧବା ନାରୀମାନେ ପେଟ ଓ ଦେହ ଭୋକର ଦୋଛକି ମଧ୍ୟରେ ଦହଗଞ୍ଜ ହେଉଛନ୍ତି । ଫ୍ରଏଡ୍‌ଙ୍କ ଯୌନ ଚେତନାକୁ ସାଂପ୍ରତିକ ମଣିଷର

ମନୋବିଶ୍ଳେଷଣ ସାହାଯ୍ୟରେ ଗାଳ୍ପିକ ମନୋଜ୍ଞ ଭାବେ ରୂପାୟିତ କରିଛନ୍ତି । ଅନୁରୂପ ଭାବେ ଅପସଂସ୍କୃତିର ସଂକ୍ରମଣରେ ଆମ ମାନସିକତା କିଭଳି ଦିନକୁ ଦିନ ପ୍ରଭାବିତ ହେବାରେ ଲାଗିଛି, ଏପରିକି ପାଶ୍ଚାତ୍ୟ ପ୍ରତି ପ୍ରାଚ୍ୟର ଭ୍ରାନ୍ତ ମନୋବୃତ୍ତି ଆମ ବିଚାରବୋଧକୁ ସଂକୀର୍ଣ୍ଣ କରିପକାଇଛି, ତା'ର ଏକ ମାର୍ମିକ ଭାବ 'ମଫସଲି' ଗଳ୍ପରେ ଅନୁଭବ କରିହୁଏ । ବିବାହ ଦୁଇଟି ଆତ୍ମାର ମିଳନ ନୁହେଁ, ଅଧିକନ୍ତୁ ଦେହ ଭୋଗର ଏକ ସାମୟିକ ଚୁକ୍ତି । ବିବାହ ପ୍ରତି ରହିଥିବା ପାଶ୍ଚାତ୍ୟ ସଂସ୍କୃତିର ଏହି ଦୃଷ୍ଟିକୋଣ କ୍ରମଶଃ ଆମ ଜୀବନ ଶୈଳୀକୁ ଧସେଇ ପଶିଲାଣି । ସୁତରାଂ ରଜନୀକାନ୍ତଙ୍କ ଦରଦୀ ସ୍ରଷ୍ଟା ହୃଦୟ ଏଥିପ୍ରତି ଖୁବ୍ ସମ୍ବେଦନଶୀଳ ହୋଇଉଠିଛି 'ବିବାହ' ଗଳ୍ପରେ । କଦାଚିତ୍ ବିବାହ ଯଦି ଏକ ସାମହିକ ଚୁକ୍ତିରେ ପରିଣତ ହୁଏ, ତାହାଲେ ପାରିବାରିକ ସ୍ନେହଶ୍ରଧା ତଥା ଦାମ୍ପତ୍ୟ ଜୀବନ ଅଚିରେ ବିପନ୍ନ ହୋଇପଡ଼ିବ ।

'ମଧ୍ୟପଦଲୋପୀ' ଗଳ୍ପର ଶ୍ରୀଜା ଚରିତ୍ରଟି ଏଭଳି କିଛି ପାରିବାରରିକ ସମସ୍ୟାର ସମ୍ମୁଖୀନ ହୋଇଛି । ସଂପ୍ରତି ଝିଅମାନେ ଉଚ୍ଚଶିକ୍ଷିତ ହୋଇ ଜ୍ଞାନଗରିମାର ଯଥେଷ୍ଟ ପରାକାଷ୍ଠା ପ୍ରଦର୍ଶିତ କରୁଛନ୍ତି ସତ, କିନ୍ତୁ ସୁଗୃହିଣୀ ହେବାର ଯୋଗ୍ୟତା ହରାଇବସୁଛନ୍ତି । ଯାହାଫଳରେ ସୃଷ୍ଟି ହେଉଛି ପାରିବାରିକ କଳହ । ବର୍ତ୍ତମାନ ଯୁବ ପିଢ଼ି ଆଧୁନିକତାର ମୋହରେ ଅନ୍ଧ ହୋଇ ଆମ ପରଂପରା ଓ ସଂସ୍କୃତିକୁ ଯେଉଁଭଳି ଭାବେ ହତାଦର କରୁଛନ୍ତି, ତାହା ସେମାନଙ୍କୁ ଏକ ଅନିଶ୍ଚିତ ଭବିଷ୍ୟତକୁ ଠେଲିଦେଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ମା, ଝିଅର ମଧୁର ସମ୍ପର୍କ ସର୍ବଦା ଏକ ସୁସ୍ଥ ପରିବାରର ପରିଚାରକ, ତେଣୁ ମା' କନ୍ୟାକୁ ବିବାହ ପୂର୍ବରୁ ଯେଉଁ ସବୁ ଶିକ୍ଷା ଦେଇଥାଏ, ତାହା କେବେ ମଧ ନିରର୍ଥକ ନୁହେଁ । କିନ୍ତୁ ଆମ ସହରୀ ଜୀବନ ଶୈଳୀରେ ମାଆର ଭୂମିକାକୁ ହେୟଜ୍ଞାନ କରିବା ଦ୍ୱାରା ବୈବାହିକ ଜୀବନ ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଦ୍ରୁତ ଶିଳ୍ପାୟନ ତଥା ଲାଭଖୋର ମନୋବୃତ୍ତି ସହରୀ ମଣିଷର ପାରିବାରିକ ଜୀବନକୁ ସଙ୍କଟାଭିମୁଖୀ କରାଇବା ସହ ତା'ର ଚାରିପାଖ ପ୍ରକୃତିକୁ ବିପର୍ଯ୍ୟୟମୁଖୀ କରାଇବାରେ ଲାଗିଛି । କଳକାରଖାନା, ଯାନବାହାନ ଆଦିର ବିଶାକ୍ତ ଧୂଆଁ ଦ୍ୱାରା ସହରୀ ବାତାବରଣ ଆଜି ପ୍ରଦୂଷିତ । ଦିନ ଆସିବ ଶୁଦ୍ଧ ବାୟୁଟିକକ ପାଇଁ ବିଜ୍ଞାନର ବାହାସ୍ୱଟ ମାରୁଥିବା ମଣିଷ ତହଳବିକଳ ହୋଇ ପଲ୍ଲୀମୁହାଁ ହେବ । ଏପରିକି ଠିପି ବନ୍ଦ ପାଣିବୋତଲ ଭଳି ଦିନେ ଅମ୍ଳଜାନର ଏୟାରବେଗ୍ ଦୋକାନରେ ବିକ୍ରି କରାଯିବ । ଏଭଳି ଏକ ସଂଭାବ୍ୟ ବିପର୍ଯ୍ୟୟରେ ଆଶାଙ୍କାରେ ଦୋଳାୟିତ ସ୍ରଷ୍ଟା ପୁରୁଷ । 'କାୟାକଳ୍ପ' ଗଳ୍ପଟି ମାନବ ସମାଜର ପ୍ରକୃତି ପ୍ରତି ସମ୍ବେଦନହୀନ ମାନସିକତାକୁ ଜାହିର କରିବା ଭବିଷ୍ୟତର ବିପଦ ପ୍ରତି ସତର୍କ କରାଇଛି । ଶ୍ରୀ ମହାନ୍ତିଙ୍କ ଆଲୋଚ୍ୟ ଗଳ୍ପଟି କେତେକାଂଶରେ ପ୍ରଚାରଧର୍ମୀ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଅତଏବ 'ହସ୍ତାକ୍ଷର' ଗଳ୍ପ ସଂକଳନସ୍ଥ ଗଳ୍ପ ଗୁଡ଼ିକର ଅନ୍ତଃସ୍ୱର ଗଭୀର ଜୀବନଜୀଜ୍ଞାସା ତଥା ନିଛକ ସମାଜ ନିଷ୍ଠ ଭାବଧାରା ଦ୍ୱାରା ଅଭିବ୍ୟଞ୍ଜିତ । ବ୍ୟକ୍ତି ଜୀବନର ଅସହାୟତା ଏବଂ ସାମାଜିକ କାରୁଣ୍ୟବୋଧ ପ୍ରତ୍ୟେକ ଗଳ୍ପକୁ କରିଛି ଜୀବନ୍ତ ଓ ବାସ୍ତବ । ମାନବତାର ଜୟଗାନ ସହ ଜୀବନ ପ୍ରତି ନିଆରା ଦୃଷ୍ଟିକୋଣ ଗଳ୍ପଗୁଡ଼ିକର ଭାବବସ୍ତୁକୁ ଋଦ୍ଧିମନ୍ତ କରିଛି। ଗଳ୍ପଗୁଡ଼ିକ ପାଠ କଲେ ମନେ ହୁଏ ଆମ ଚାରିପାଖର ଘଟଣା ଓ ଚରିତ୍ର ଗୁଡ଼ିକ ଆଖି ଆଗରେ ଜୀବନ୍ତ ହୋଇ ନାଚିଉଠୁଛନ୍ତି, କେତେବେଳେ ସେହି ଦୃଶ୍ୟ ପଲ୍ଲୀର ନିଛକ ସରଳତା ଭିତରେ ନାଚିଉଠୁଛି ତ ଆଉ କେତେବେଳେ ସେହି ସହରର କୃତ୍ରିମ ଐଶ୍ୱର୍ଯ୍ୟ ମଧ୍ୟରେ ଦୋଳାୟିତ ହୋଇଛନ୍ତି । ଠିକ୍ ସେହିଭଳି ଚରିତ୍ର ଗୁଡ଼ିକ ଆମ ପରିମଣ୍ଡଳ ମଧ୍ୟରେ ଆତଯାତ ହେଉଥିବା ମଣିଷମାନଙ୍କ ପ୍ରତିନିଧି । ଯେଉଁମାନେ ଶୁଣେଇ ଚାଲିଛନ୍ତି ଜୀବନ ଜିଇଁବାର ଗୋଟିଏ ଗୋଟିଏ ଅଭିନବ ମନ୍ତ୍ର । କେଉଁଠି ମଧ ଲେସେ ମାତ୍ର କୃତ୍ରିମତାର ଅନୁଭବ ନାହିଁ । ଅକପଟ ଭାବେ ସଭିଏଁ ବଖାଣି ଚାଲିଛନ୍ତି ନିଜ ନିଜ ଜୀବନ କାହାଣୀ । ବିଷୟ ଉପସ୍ଥାନରେ ସରଳତା, ଭାବ ଅଭିବ୍ୟକ୍ତିରେ ସ୍ୱାଭାବିକତା, ପରିବେଶ ବର୍ଣ୍ଣନାରେ ନିଛକତା, ଚରିତ୍ର ଚିତ୍ରଣରେ ନିଖୁଣତା, ସର୍ବୋପରି ସହଜ ସରଳ ସୁବୋଧ ଭାଷାର ବ୍ୟବହାର ରଜନୀକାନ୍ତଙ୍କ ଗଳ୍ପ ଜଗତକୁ ଦେଇଛି ନିଆରା ପରିଚୟ । ସୁତରାଂ ଆଲୋଚ୍ୟ ସଂକଳନର ପ୍ରତିଟି ପାଖୁଡ଼ାରେ ଉଦ୍‌ଭାଷିତ ହେଉଛି ଗଭୀର ଜୀବନବୋଧର ମଧୁର ଶୁରଭୀ ଏବଂ ଲିପିବୋଧ କରିଛି ସାମାଜିକ ଦାୟବଦ୍ଧତାର ହସ୍ତାକ୍ଷର ।

**ସହାୟକ ଗ୍ରନ୍ଥ:**


1. ମହାନ୍ତି ରଜନୀକାନ୍ତ, ହସ୍ତାକ୍ଷର, ଦିବ୍ରୁକ୍ସ, ବେରବୋଇ, ଡେଲାଙ୍ଗ, ପୁରୀ, ପ୍ରଥମ ସଂସ୍କରଣ-୨୦୧୭
2. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ ଗଳ୍ପ; ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୦୨, ଦ୍ୱିତୀୟ ସଂସ୍କରଣ-୨୦୧୫
3. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୦୨, ଦ୍ୱିତୀୟ ସଂସ୍କରଣ-୨୦୧୫
4. ଗାହାଣ, କପିଳେଶ୍ୱର, ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ(ଓଡ଼ିଆ କ୍ଷୁଦ୍ରଗଳ୍ପ), ଅଗ୍ରଦୂତ, କଟକ-୦୨, ପ୍ରଥମ ପ୍ରକାଶ-୧୯୯୪